# ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ

## ଏକ ଅମ୍ଳାନ ପ୍ରତିଭା

ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ

ଓଡ଼ିଆ ଭାଷା, ସଂସ୍କୃତି, ସାହିତ୍ୟର ସ୍ୱତନ୍ତ୍ରତା ରକ୍ଷା ପାଇଁ ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନର ଆବଶ୍ୟକତା ଥିଲା ଓ ଯେଉଁମାନଙ୍କ ବଳିଷ୍ଠ ନେତୃତ୍ୱ ଓ ତ୍ୟାଗ ଫଳରେ ଏହା ସମ୍ଭବ ହୋଇ ପାରିଥିଲା, ସେମାନଙ୍କ ମଧ୍ୟରେ ଥିଲେ ଖଲ୍ଲିକୋଟ ରାଜ୍ୟର ତତ୍କାଳୀନ ରାଜା ପୁଣ୍ୟଶ୍ଳୋକ ସ୍ୱର୍ଗତଃ ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ । ତାଙ୍କର ପିତା ଥିଲେ ହରିହର ମର୍ଦ୍ଦରାଜ ଓ ମାତା ରାଣୀ କନକ ମଞ୍ଜରୀ । ୧୯୦୦ ମସିହା ଜାନୁଆରୀ ୧୩ ତାରିଖ ମକର ସଂକ୍ରାନ୍ତି ଥିଲା ତାଙ୍କର ଜନ୍ମ ଦିବସ ଓ ସେ ଥିଲେ ପିତା ମାତାଙ୍କର ଏକମାତ୍ର ପୁତ୍ର ସନ୍ତାନ । ତାଙ୍କର ପିତା ସ୍ୱର୍ଗତଃ ରାଜା ହରିହରଙ୍କ ଓଡ଼ିଶା ଏକତ୍ରୀକରଣ ନିମନ୍ତେ ଅବଦାନ କମ୍ ନଥିଲା । ତାଙ୍କ ଚେଷ୍ଟାରେ ଖଲ୍ଲିକୋଟ ରାଜ୍ୟ ଅନ୍ତର୍ଗତ ରମ୍ଭାଠାରେ ଉତ୍କଳ ସମ୍ମିଳନୀ ୧୯୦୨ ମସିହାରେ ବସିଥିଲା । ଏଥିରେ ମୟୂରଭଂଜର ମହାରାଜା ଶ୍ରୀ ରାମଚନ୍ଦ୍ର ଭଂଜଦେଓ, ଉତ୍କଳ ଗୌରବ ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, ନୀଳମଣି ବିଦ୍ୟାରତ୍ନ, ଫକୀର ମୋହନ ସେନାପତି, ଗଙ୍ଗାଧର ମେହେର ପ୍ରମୁଖ ବହୁ ବିଦ୍ୱାନ ଓ ସ୍ୱ ସ୍ୱ-କ୍ଷେତ୍ରରେ ଯଶସ୍ୱୀ ନେତୃବୃନ୍ଦ ଯୋଗ ଦେଇ ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ଭାରତ ସରକାରଙ୍କଠାରେ ଦାବି ଉପସ୍ଥାପନ କରିବା ନିମନ୍ତେ ନିଷ୍ପତ୍ତି ନେଇଥିଲେ । 'ପ୍ରଜାବନ୍ଧୁ' ନାମରେ ଏକ ଓଡ଼ିଆ ସମ୍ବାଦପତ୍ର ପ୍ରଚଳନ ବି ସେ କରାଇଥିଲେ । ବ୍ରହ୍ମପୁରରେ ସ୍ଥାପିତ ଖଲ୍ଲିକୋଟ କଲେଜ ନିମନ୍ତେ ସେ ଏକଲକ୍ଷ ଟଙ୍କା ଦାନ କରିଥିଲେ । ଖଲ୍ଲିକୋଟ ପ୍ରଜାଙ୍କର ରାଜସ୍ୱରୁ ଏହା ଦିଆଯାଇଥିବାରୁ ତାହା ଖଲ୍ଲିକୋଟ କଲେଜ ନାମରେ ନାମିତ ହୋଇଥିଲା । ସେତେବେଳ କାଳରେ ଏକ ଲକ୍ଷ ଟଙ୍କା ଦାନ ଦେବା ସହଜ କଥା ନଥିଲା । ହରିହର ମର୍ଦ୍ଦରାଜ ଥିଲେ ପ୍ରଜାବତ୍ସଳ, ଦେଶପ୍ରେମୀ ଓ ସ୍ୱାଭିମାନୀ ।



ଖଲ୍ଲିକୋଟ ରାଜବଂଶ ଅଯୋଧ୍ୟା ଓ ମହାରାଷ୍ଟ୍ରର ସୂର୍ଯ୍ୟବଂଶୀ ରାଜବଂଶର ଅଂଶ ଥିଲା । ପିତାଙ୍କ ତିରୋଧାନ ପରେ ୧୯୨୧ ମସିହାରେ ରାଜଗାଦିରେ ବସିଲେ । ପିତାଙ୍କ ପଦାଙ୍କ ଅନୁସରଣ କରି ଆଗେଇ ଚାଲିଲେ ରାମଚନ୍ଦ୍ର । ଯୋଗ୍ୟ ପିତାଙ୍କର ସେ ଥିଲେ ସୁଯୋଗ୍ୟ ପୁତ୍ର । ପିତା ଛାଡ଼ି ଯାଇଥିବା କାର୍ଯ୍ୟଗୁଡ଼ିକୁ ସେ ଆପଣେଇ ନେଲେ । ଓଡ଼ିଆ ଭାଷା କୁହାଯାଉଥିବା ଅଂଚଳ ସବୁକୁ ନେଇ କିଭଳି ସ୍ୱତନ୍ତ୍ର ଓଡ଼ିଶା ଗଠନ ହେବ, ସେଥିପାଇଁ ସେ ନିରନ୍ତର ଚେଷ୍ଟା କରି ଆସିଥିଲେ । ସେତେବେଳେ ଓଡ଼ିଶା ଗଠନ ନିମନ୍ତେ ଯେଉଁମାନେ କାର୍ଯ୍ୟ କରିଥିଲେ, ସେମାନଙ୍କ ମଧ୍ୟରେ ଥିଲେ ନବ ଉତ୍କଳର ନିର୍ମାତା ପାରଳାଖେମୁଣ୍ଡିର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ । ରାମଚନ୍ଦ୍ର ମର୍ଦ୍ଦରାଜ ଦେବଙ୍କୁ ନିଜ କାର୍ଯ୍ୟରେ ଆଗେଇ ଯିବା ନିମନ୍ତେ ସେ ସର୍ବଦା ପ୍ରେରଣା ଦେଉଥିଲେ । ଗଜପତି କୃଷ୍ଣଚନ୍ଦ୍ର ଦେବ ୧୯୧୪ ମସିହା ଡିସେମ୍ବର ୨୬/୨୭ ତାରିଖ ଦିନ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ ପାରଳାଖେମୁଣ୍ଡିଠାରେ ଅନୁଷ୍ଠିତ କରାଇ ଓଡ଼ିଆମାନଙ୍କ ମଧ୍ୟରେ ନୂତନ ଜାଗରଣ ସୃଷ୍ଟି କରିପାରିଥିଲେ । ୧୯୧୭ ମସିହାରେ 'ମଣ୍ଟେଗୁ ଚେମସ୍‌ଫୋର୍ଡ' ମିଶନ ବସି ଓଡ଼ିଆମାନଙ୍କ ପ୍ରାଦେଶିକ ସ୍ୱତନ୍ତ୍ରତା ସପକ୍ଷରେ ପ୍ରସ୍ତାବ ଦେବା ଫଳରେ ଏହି ଜାଗରଣ ବହୁଗୁଣରେ ବଢ଼ି ଯାଇଥିଲା, ଯାହାକି କୈଶୋରରେ ରାମଚନ୍ଦ୍ରଙ୍କୁ ବେଶ ପ୍ରଭାବିତ କରିପାରିଥିଲା । ମାନ୍ଦ୍ରାଜରେ ପାଠ ପଢୁଥିବାବେଳେ ସେ ଏହି ଆନ୍ଦୋଳନ ସହ ଭଲ ସଂପର୍କ ରଖିପାରିଥିଲେ । ତାଙ୍କର ଆଦର୍ଶ ଥିଲେ ପୁଣ୍ୟଶ୍ଳୋକ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ ।

୧୯୨୨ ମସିହାରେ ସେ ଗଞ୍ଜାମ ଜିଲ୍ଲାବୋର୍ଡର ସଭାପତି ଭାବେ ସରକାରଙ୍କ ଦ୍ୱାରା ମନୋନୀତ ହୋଇଥିଲେ ଓ ୧୯୨୫ ମସିହା ନିର୍ବାଚନରେ ଅପ୍ରତିଦ୍ୱନ୍ଦ୍ୱି ହୋଇ ନିର୍ବାଚିତ ହୋଇଥିଲେ ଓ ସେହି ସମୟରେ ସେ ଗଂଜାମ ଜିଲ୍ଲାରେ ବହୁ ଲୋକ ହିତକର କାର୍ଯ୍ୟ କରିଥିଲେ ।

୧୯୨୪ ମସିହା ନଭେମ୍ବର ମାସ ୨ ତାରିଖରେ ଫିଲିପ୍ ଡଫ୍ କମିଟିର ବ୍ରହ୍ମପୁର ଆଗମନ ବେଳେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ

ଦେବ ସେମାନଙ୍କ ଆଗରେ ସାକ୍ଷୀ ଦେଇ ଓଡ଼ିଆ ଭାଷୀ ଅଂଚଳକୁ ଏକତ୍ର କରିବା ପାଇଁ ଯୁକ୍ତି ବାଢ଼ିଥିଲେ । ୧୯୩୨ ମସିହା ଅଗଷ୍ଟ ୨୧ ତାରିଖରେ ଉତ୍କଳ ସମ୍ମିଳନୀର ଏକ ସ୍ୱତନ୍ତ୍ର ଅଧିବେଶନ ବ୍ରହ୍ମପୁରଠାରେ ବସିଥିଲା । ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଏହି ସମ୍ମିଳନୀକୁ ସାଫଲ୍ୟ କରିବାରେ ଯଥେଷ୍ଟ କାର୍ଯ୍ୟ କରିଥିଲେ । ୧୯୧୩ ମସିହା ଅଗଷ୍ଟ ମାସ ୨୧ ତାରିଖରେ ଉତ୍କଳ ସମ୍ମିଳନୀର ପୁରୀଠାରେ ହୋଇଥିବା ସମ୍ମିଳନୀରେ ସେ ନିଜର ଓଜସ୍ୱିନୀ ଭାଷଣ ଦ୍ୱାରା ଅନ୍ୟମାନଙ୍କୁ ବେଶ୍ ପ୍ରଭାବିତ କରିପାରିଥିଲେ । ଏଥିରେ ପାରଳା ମହାରାଜା ଗଜପତି କୃଷ୍ଣଚନ୍ଦ୍ର ଦେବ ସଭାପତିତ୍ୱ କରିଥିଲେ ।

୧୯୩୨ ମସିହାରେ ଲଣ୍ଡନଠାରେ ଆୟୋଜିତ ଗୋଲଟେବୁଲ ବୈଠକରେ ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ଯୋଗ ଦେଇ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବା ନିମନ୍ତେ ବଳିଷ୍ଠ ଯୁକ୍ତିମାନ ଉପସ୍ଥାପନ କରିଥିଲେ ।

୧୯୩୬ ମସିହା ଅପ୍ରେଲ ୧ ତାରିଖରେ ୩୨,୬୯୫ ବର୍ଗମାଇଲ ଅଞ୍ଚଳ ଓ ୮,୦୪୩,୬୮୧ ଜନସଂଖ୍ୟାକୁ ନେଇ ସ୍ୱତନ୍ତ୍ର ଓଡ଼ିଶା ଗଠିତ ହେଲା । ଉପଦେଷ୍ଟା ଭାବେ ‘Orissa Advisory Council’ କୁ ସେ ମନୋନୀତ ହୋଇଥିଲେ । ୧୯୩୭ରୁ ୧୯୪୫ ପର୍ଯ୍ୟନ୍ତ ସେ ଓଡ଼ିଶା ବିଧାନସଭାର ସଭ୍ୟ ଥିଲେ । ୧୯୪୫ମସିହାରୁ ୧୯୫୦ ମସିହା ପର୍ଯ୍ୟନ୍ତ ସେ କେନ୍ଦ୍ର ବ୍ୟବସ୍ଥା ସଭାର ସଭ୍ୟ ରହି ଓଡ଼ିଶାର କେତେକ ଲୋକ ହିତକର କାର୍ଯ୍ୟ କରିଥିଲେ । ସ୍ୱତନ୍ତ୍ର ଓଡ଼ିଶା ଗଠନ ପରେ ପ୍ରାତଃ ସ୍ମରଣୀୟ ପାରଳାଖେମୁଣ୍ଡିର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ ଏକ ତାରବାର୍ତ୍ତାରେ ଲେଖିଥିଲେ ‘My dear Khallikote, Hearty Congratulation on your most wonderful and historical achievement for the Oriyas- xxx.’ ୧୯୫୨ ମସିହାରେ ସେ ସ୍ୱାଧୀନ ସଭ୍ୟ ଭାବେ ନିର୍ବାଚିତ ହୋଇ ବିଧାନସଭାର ସଭ୍ୟ ହୋଇପାରିଥିଲେ । ୧୯୫୭ରେ ସେ ବିପୁଳ ଭୋଟରେ ବିଜୟୀ ହୋଇ ବିଧାନସଭାର ସଭ୍ୟ ହେବା ସହ ନବକୃଷ୍ଣ ଚୌଧୁରୀଙ୍କ ମନ୍ତ୍ରିମଣ୍ଡଳରେ ୩ ବର୍ଷ ପାଇଁ ମନ୍ତ୍ରୀ ହୋଇଥିଲେ । ସ୍ୱର୍ଗତଃ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେବ ନୂତନ ଓଡ଼ିଶା ଗଠନର ନେତୃତ୍ୱ ନେବା ସହ ଖର୍ଚ୍ଚ ବହୁଳ ଦୁଇଥର ଲଣ୍ଡନ ଯାତ୍ରା, ଗଞ୍ଜାମ ଜିଲ୍ଲା ସମେତ ଓଡ଼ିଶାର ବହୁ ଜନହିତକର କାର୍ଯ୍ୟ ସହ ସଂପୃକ୍ତ ଥିଲେ ମଧ୍ୟ ତତ୍କାଳୀନ ରାଜନୈତିକ ପରିବେଶ ତାଙ୍କୁ ଉପଯୁକ୍ତ ସ୍ଥାନ ଦେଇପାରିନଥିଲା । ୧୯୬୩ ମସିହା ଜାନୁଆରୀ ୨୩ ତାରିଖରେ ଏହି ମହାନ୍ ଯୋଗଜନ୍ମାଙ୍କ ମହାପ୍ରୟାଣ ହେଲା ଓ ଉତ୍କଳ ଆକାଶରୁ ସବୁଦିନ ପାଇଁ ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କ ଲିଭିଗଲା । ସ୍ୱତନ୍ତ୍ର ଓଡ଼ିଶା ଗଠନ ଦିଗରେ ଗଞ୍ଜାମ ଜିଲ୍ଲାର ତତ୍କାଳୀନ ନେତୃବୃନ୍ଦଙ୍କର ଯେଉଁ ମହନୀୟ ଅବଦାନ ଥିଲା, ତାହାର ପଟ୍ଟାନ୍ତର ନାହିଁ । ସେହି ଯଶସ୍ୱୀମାନେ ଓଡ଼ିଆମାନଙ୍କର ଚିର ବନ୍ଦନୀୟ ।

୧୧୮୧, ଦେବରାଜ ବିଦ୍ୟାପୀଠ ରାସ୍ତା
ଗୋବିନ୍ଦ ପ୍ରସାଦ (ବମିଖାଲ), ରସୁଲଗଡ଼
ଭୁବନେଶ୍ୱର



ସାନ ଘାଗରା, କେଉଁଝର